भारतीय प्रौद्योगिकी संस्थान भुवनेश्वर

**Indian Institute of Technology Bhubaneswar**

**Press Release**

## ବୃକ୍ଷରୋପଣ ପାଇଁ ଆଇଆଇଟି ଭୁବନେଶ୍ୱର ପୁରସ୍କୃତ

**ଭୁବନେଶ୍ୱର, ୨୧ ମାର୍ଚ୍ଚ ୨୦୨୫:** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୨୦୨୫ ବର୍ଷ ପାଇଁ ବୃକ୍ଷରୋପଣ / ବନୀକରଣରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ସବଡିଭିଜନରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ପୁରସ୍କାର ପାଇଛି। ୨୧ ମାର୍ଚ୍ଚ ୨୦୨୫ ରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ବନୀକରଣ ଦିବସ ପାଳନ ଅବସରରେ ପ୍ରତିଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ, ଏହି ଦିବସଟି 'ଜଙ୍ଗଲ ଏବଂ ଖାଦ୍ୟ' ବିଷୟବସ୍ତୁ ସହିତ ପାଳିତ ହେଉଛି।

ପ୍ରତିଷ୍ଠାନ ପକ୍ଷରୁ, ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ଏବଂ ଉଦ୍ୟାନବିତ୍ ଶ୍ରୀ କାମିରେଡ୍ଡି ବିଶ୍ୱେଶ୍ୱର ରେଡ୍ଡୀ, ଖୋର୍ଦ୍ଧାର ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ଏହି ଅଂଚଳର ପ୍ରାକୃତିକ ସବୁଜିମାକୁ ସୁରକ୍ଷିତ ରଖିବା ସହ ଆଇଆଇଟି ଭୁବନେଶ୍ୱର ଏହାର କ୍ୟାମ୍ପସରେ ଏପର୍ଯ୍ୟନ୍ତ ୫୦,୦୦୦ ରୁ ଅଧିକ ଗଛ ଲଗାଇସାରିଛି, ଯେଉଁଥିରେ ବିଭିନ୍ନ ଆଭେନ୍ୟୁ ଗଛ, ଫଳ, ଗୁଳ୍ମ, ହେଜ୍ ପ୍ରକାରର ଗଛ ଆଦି ଅନ୍ତର୍ଭୁକ୍ତ। କ୍ୟାମ୍ପସ୍‌ର ଗଛଲତା ବିଷୟରେ ସଚେତନତା ପ୍ରସାର କରିବା ଉଦ୍ଦେଶ୍ୟରେ, ପ୍ରତିଷ୍ଠାନ ପରିଚୟ ବୋର୍ଡ (ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ଗଛଲତାଗୁଡ଼ିକର ନାମ ସହିତ, ଗଛଲତା ବିଷୟରେ ବିସ୍ତୃତ ସୂଚନା ସହିତ ଏକ କ୍ୟୁଆର୍ କୋଡ୍) ପୋଷ୍ଟ କରିବା ପାଇଁ ଏକ ପଦକ୍ଷେପ ଆରମ୍ଭ କରିଛି। ମିଶନ "ଲାଇଫ୍" ଏବଂ "ଏକ ପେଡ୍ ମା' କେ ନାମ" ଅଭିଯାନର ଅଂଶ ଭାବରେ, ଆଇଆଇଟି ଭୁବନେଶ୍ୱର ଏହାର ୫ଟି ପୋଷ୍ୟ ଗାଁ (ଅରଗୁଳ , ପୋଡ଼ପଡ଼ା, କଂସାପଦା, ଖୁଦୁପୁର ଏବଂ ପଦନପୁର)ର ଗ୍ରାମବାସୀଙ୍କୁ ପ୍ରକୃତିର ସଂରକ୍ଷଣ ପାଇଁ ଉତ୍ସାହିତ କରିଛି। ଜାତୀୟ ସେବା ଯୋଜନା (ଏନଏସଏସ) ଏବଂ ଉନ୍ନତ ଭାରତ ଅଭିଯାନ (ୟୁବିଏ)ର ଛାତ୍ର ସ୍ୱେଚ୍ଛାସେବକମାନେ ଗ୍ରାମବାସୀଙ୍କ ମଧ୍ୟରେ ବୃକ୍ଷରୋପଣ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଅବସରରେ ଏହି ଗ୍ରାମଗୁଡ଼ିକରେ ରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ କରନ୍ତି।

------------------